# Akashvani, Sambalpur

## SAMBALPURI NEWS BULLETIN

### 11 November 2025 – 6.47- 6.52 am.

*********************************************

ନୂଆପଡ଼ା ଉପ ନିର୍ବାଚନ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଆଉ କିଛି ସମିଆ ଉତ୍‌ରୁ ମୁଲ୍ ହେଉଛେ । ସଖାଲର୍ ୭ ବଜେନୁ ଉପର୍‌ବେଲା ୫ ବଜେତକ୍ ଭୋଟ୍ ଗ୍ରହଣ୍ ହେବା । ନକ୍ସଲ୍ ପ୍ରଭାବିତ୍ ୪୭ ଟା ବୁଥ୍ ନ ୪ ବଜେତକ୍ ଭୋଟ୍ ଗ୍ରହଣ୍ କରାଯିବା । ସମିଆ ସର୍‌ଲା ଉତ୍‌ରୁ ଭିଲ୍ ଯେନ୍‌ମାନେ ଧାଡ଼ିଥି ଥିବେ ଭୋଟ୍ ଦେଇପାର୍‌ବେ । ଭୋଟ୍ ଆଘୋନୁ ସକାଲର୍ ସାଢ଼େ ୫ ବଜେନୁ ଅଭ୍ୟାସ୍ ମତଦାନ୍ କରାଯାଇଥିଲା । ଇ ବାବ୍‌ଦେ ଆମର୍ ନୂଆପଡ଼ା ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ନୂଆପଡ଼ା ବିଧାନ୍‌ସଭା କ୍ଷେତ୍ର ନ ୨ ଲାଖ୍ ୫୩ ହଜାର୍ ୬ ଶହ ୨୪ ଝନ୍ ଭୋଟର୍ ସେମାନ୍‌କର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ । ନିର୍ବାଚନୀ ମଇଦାନ୍‌ଥି ୧୪ ଝନ୍ ପ୍ରାର୍ଥୀ ରହିଛନ୍ ।

କାର୍ ବିସ୍ଫୋରଣ ଘଟ୍‌ନା      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦିଲ୍ଲୀ ଲାଲ୍‌କିଲ୍ଲା ମେଟ୍ରୋ ରେଲ୍‌ଷ୍ଟେସନ୍ ନ ଗଲାକାଏଲ୍ ସଞ୍ଜ୍‌ବେଲେ ଘଟିଥିବା ବିସ୍ଫୋରଣ୍ ଘଟ୍‌ନାଥି  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ  ନରେନ୍ଦ୍ର ମୋଦୀ ଶୋକପ୍ରକାଶ୍ କରିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଥିତି ଅନୁଧ୍ୟାନ୍ କରିକରି ପ୍ରଧାନ୍‌ମନ୍ତ୍ରୀଙ୍କୁ ଘଟ୍‌ନା ବାବ୍‌ଦେ ଜନେଇଛନ୍ । ଘଟ୍‌ନା ଉତ୍‌ରୁ ଦେଶେ ଅତିସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଓଡ଼ିଶା ନ ଭିଲ୍ ସବୁ ଗୁରୁତ୍ୱପୂର୍ଣ୍ଣ ଜାଗା ମାନ୍‌କେ ସୁରକ୍ଷା ବଢ଼ାବାର୍ ଲାଗି ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ମାନ୍‌କୁ ପୁଲିସ୍ ମହାନିର୍ଦ୍ଦେଶକ୍ ନିର୍ଦ୍ଦେଶ୍ ଦେଇଛନ୍ । ପୁରୀ, ଭୁବ୍‌ନେଶ୍ୱର୍, କଟକ, ହୀରାକୁଦ୍ ନ ସୁରକ୍ଷା ବ୍ୟବସ୍ଥାକେ ଅଏତ୍‌କା ଗୁରୁତ୍ୱ ଦିଆଯାଇଛେ । ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଃଖପ୍ରକାଶ୍ କରିଛନ୍ ।

ସୂଚ୍‌ନା ଅନ୍‌ସାରେ ଦିଲ୍ଲୀର୍ ଲାଲ୍‌କିଲ୍ଲା ମେଟ୍ରୋ ରେଲ୍‌ଷ୍ଟେସନ୍ ପାଖେ ଗଲାକାଏଲ୍ ଘଟିଥିବା କାର୍ ବିସ୍ଫୋରଣ୍‌ଥି କେତେଝନ୍‌କ୍ ଜୀବନ୍ ଯାଇଥିଲା ବେଲେ ଆଉକେତେ ଝନ୍ ଜବର୍ ଜଖମ୍ ହେଇଛନ୍ ।

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଶୀତ୍‌କାଳୀନ୍ ଅଧିବେଶନ୍ ଆଏବା ୨୭ ତାରିଖ୍‌ନୁ ମୁଲ୍ ହେବା । ପହେଲା ଦିନେ ଅଧିବେଶନ୍‌କେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ୍ କର୍‌ବେ । ଇ ଅଧିବେଶନ୍ ଆଏବା ଡିସେମ୍ବର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଇଥି ମୋଟ୍ ୨୯ ଟା କାର୍ଯ୍ୟଦିବସ୍ ରହିଛେ । ଅଧିବେଶନ୍‌ର ୨ ନମ୍ବର୍ ଦିନେ ୨ ହଜାର୍ ୨୫-୨୬ ଆର୍ଥିକ୍ ବଛର୍ ଲାଗି ପହେଲା ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କରାଯିବା । ଡିସେମ୍ବର୍ ୪ ତାରିଖ୍‌ନୁ ଭିନ୍ ଭିନ୍ ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚା ଦାବି ମୁଲ୍ ହେବା । ଡିସେମ୍ବର୍ ୮ ତାରିଖ୍ ଅତିରିକ୍ତ ବଜେଟ୍ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ ହେବା ।

ଓଡ଼ିଆ ସିନ୍‌ମା-କର୍ମଶାଳା                ଆର୍‌ଏନ୍‌ୟୁ/ କଟକ୍

ପୁର୍‌ନା ଓଡ଼ିଆ ସିନ୍‌ମାର୍ ସଂରକ୍ଷଣ୍ ଲାଗି ଆଏବା କାଏଲ୍ ଠାନୁ ଭୁବ୍‌ନେଶ୍ୱର୍ କଳାଭୂମି ନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସଂରକ୍ଷଣ ସଂଘ ତର୍‌ଫୁ ଗୁଟେ କର୍ମଶାଳା ଆୟୋଜନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କର୍ମଶାଳାର୍ ଉଦଘାଟନ୍ କର୍‌ବେ । ଇ ଅବ୍‌ସରେ ଓଡ଼ିଆ ସିନ୍‌ମାର୍ ପ୍ରଚାର୍ ପ୍ରସାର୍ ସଂରକ୍ଷଣ୍ ଆଉ ନୂଆଁ ନିୟମ୍ ବାବଦ୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରାଯିବା ବଲି ସଂଘର୍ ପ୍ରତିଷ୍ଠାତା ଶିବେନ୍ଦ୍ର ସିଂ କହିଛନ୍ ।

ପୂର୍ବତଟ ରେଲ୍‌ପଥ୍ -ବିଦ୍ୟୁତ୍ ଯୋଗାଣ  ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥ୍ ତାର୍ ବିଦ୍ୟୁତ୍ ଗ୍ରୀଡ୍ ନୁ ଟ୍ରେନ୍‌କେ ବିଦ୍ୟୁତ୍ ଯୋଗାଣ - ଟ୍ରାକ୍‌ସନ୍ କ୍ଷମତା ଭିତିଭୂମିକେ ଆହୁରି ବର୍‌କସ୍ କର୍‌ବାର୍‌କେ ଯାଉଛେ । ଇଥିର୍‌ଲାଗି ସିଙ୍ଗାପୁର୍ ରୋଡ୍ - ଟିଟିଲାଗଡ୍ ସେକ୍ସନ୍ ଓଭର୍‌ହେଡ୍ ବିଦ୍ୟୁତିକରଣ୍ ବ୍ୟବସ୍ଥାକେ ଉନ୍ନତ୍ କରାଯିବା । ସେନ୍ତା ସମ୍ବଲ୍‌ପୁର୍ ଡିଭିଜନ୍‌ଥି ବିଦ୍ୟୁତ୍‌କରଣ୍ କ୍ଷମତାକେ ୨୫ କେଭି କରାଯିବା । ସେଥିର୍‌ଭିତ୍‌ରେ ସମ୍ବଲ୍‌ପୁର୍ ଡିଭିଜନ୍‌ର ଟିଟିଲାଗଡ୍- ବଡ଼ମାଲ୍, ଟିଟିଲାଗଡ୍- ମୁରିବାହାଲ୍ ୩ ଥାକିଆ ସେକ୍ସନ୍ ରହିଛେ ।

ବିଦ୍ୟୁତ୍ ବିଲ୍‌ର ସଂଶୋଧନ          ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରଣ କମ୍ପାନୀ- ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ଉପଭୋକ୍ତାମାନ୍‌କର୍ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ୍ ଲାଗି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ଦେବ୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଇ ମାସ ଖାସ୍ ଅଭିଯୋଗ୍ ପ୍ରତିବିଧାନ୍ ପୀଠମାନ୍‌କର୍ ଆୟୋଜନ୍ କରାଯାଉଛେ । ସମ୍ବଲ୍‌ପୁର୍ ଜିଲ୍ଲା ଜମନ୍‌କିରା ବ୍ଲକ୍ ଆଉ କୁଚିଣ୍ଡା ସବ୍‌ଡିଭିଜନ୍ କାର୍ଯ୍ୟାଳୟ ନ ଆଏଜ୍ ଇ ପୀଠ ହେବା । ୧୮ ତାରିଖ୍ ପର୍‌ମାଣ୍‌ପୁର୍ ଆଉ ଲଇଡ଼ା, ୧୯ ତାରିଖ୍ ଧମା ଆଉ ସାହାସ୍‌ପୁର୍ ଆଉ

୨୧ ତାରିଖ୍ ଦିନ ଗୋଶାଲା ଆଉ କ୍ଷେତ୍ରାଜ୍‌ପୁର୍ ନ ପୀଠର୍ ଆୟୋଜନ୍ କରାଯିବା । ବାକି ଦୁହି ଜିଲ୍ଲା ନ ଭିଲ୍ ଭିନ୍ ଭିନ୍ ତାରିଖ୍‌ଥି ପୀଠର୍ ଆୟୋଜନ୍ କରାଯିବା ବଲି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସାଂସଦ୍ ଖେଲ୍ ମହୋତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ଧନକଉଡ଼ା ବ୍ଲକ୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ବ୍ଲକ୍‌ସ୍ତରୀୟ ସାଂସଦ୍ ଖେଲ୍ ମହୋତ୍ସବ୍ ଗଲାକାଏଲ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇଥି ଦୌଡ଼, କବାଡ଼ି, ଖୋ ଖୋ ସହେତେ ଭିନ୍ ଭିନ୍ ପ୍ରତିଯୋଗିତାଥି ବ୍ଲକ୍‌ର ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ । ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନେ ବ୍ଲକ୍‌ସ୍ତର୍‌ଥି ଖେଲ୍‌ବାର୍‌କେ ମନୋନୀତ୍ ହେଇଛନ୍ ।

ଜାତୀୟ ଶିକ୍ଷା ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଜାତୀୟ ଶିକ୍ଷା ଦିବସ୍ । ଫି’ ବଛର୍ ଆଝିର୍ ଦିନ ଦେଶର୍ ପହେଲା ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ୍ ଆଜାଦ୍‌ଙ୍କର୍ ଜୟନ୍ତୀକେ

ମନେ ରଖିବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ସ୍ୱାଧୀନ୍ ଭାରତ୍ ନ ଗାଁ ଗହଲର୍ ଗରିବ୍ ଆର୍ ଟୁକେଲ୍ ମାନ୍କୁ ଶିକ୍ଷିତ୍ କର୍ବାର୍ ତାଙ୍କର୍ ମୁଖିଆ ଉଦ୍ଦେଶ୍ ଥିଲା । ସେ ସମିଆଥି ପୌଢ଼ ସାକ୍ଷରତା, ୧୪ ବରସ୍ ବୟସ୍‌ତକ୍ ସବୁ ପିଲା ଟୁକେଲ୍‌ମାନ୍କୁ ମାହାଲିଆ ଆର୍ ବାଧ୍ୟତାମୂଲକ୍ ଶିକ୍ଷା ଉପ୍ରେ ସେ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମ୍‌ବାର୍‌ଥି ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ରାଏଜେ ଆଏବା ୨ ଦିନ୍ ଭିତ୍ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀ କମିପାରେ । ଇ ସମିଆଥି ରାଏଜେ ପାଗ୍ ଶୁଖା ରହେବା । ବଡ଼ଭାଗୀ ଜାଗା ନ କୁହୁଡ଼ି ଭିଲ୍ ଦେଖିବାର୍ ମିଲୁଛେ । ଆଏଜ୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, କନ୍ଧମାଲ୍, ଅନୁଗୁଲ୍ ଆଉ ଖୋର୍ଦ୍ଧା ଜିଲ୍ଲା ନ ଜବର୍ ଥଣ୍ଡା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।